# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 5 September - 2024

### News Editor : *Itishree Singh Rathuar*

***********************************

## ମୁଖ୍ୟ ସମ୍ବାଦ

- ଶିକ୍ଷକତା କରିବା କେବଳ ଚାକିରି ନୁହେଁ ବରଂ ମାନବ ନିର୍ମାଣର ପବିତ୍ର ଅଭିଯାନ; ଶିକ୍ଷକ ଦିବସ ଅବସରରେ କହିଲେ, ରାଷ୍ଟ୍ରପତି

— ରାଜ୍ୟର ୨ ଜଣଙ୍କ ସମେତ ୮୨ ଜଣ ଶିକ୍ଷକ ସମ୍ମାନିତ

- ନିପୂଣ ଓଡ଼ିଶା ଏବଂ ଡିଜିଟାଲ ଶିକ୍ଷା ସଶକ୍ତୀକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ନୂଆଁଖାଇ ଅବସରରେ ଆସନ୍ତା ରବିବାର ସମ୍ବଲପୁରରେ ସିଏମ୍-କିଷାନ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

- ବିଧାନସଭାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଖର୍ଚ୍ଚଦାବି ଉପସ୍ଥାପିତ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ; ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା

## ଗୁରୁଦିବସ-ରାଷ୍ଟ୍ରପତି

ଶିକ୍ଷକ ହେବା କେବଳ ଗୋଟିଏ ଚାକିରି ନୁହେଁ, ବରଂ ମାନବ ନିର୍ମାଣର ପବିତ୍ର ଅଭିଯାନ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଶିକ୍ଷକ ଦିବସ ଅବସରରେ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶିକ୍ଷକମାନଙ୍କୁ ଛାତ୍ରମାନଙ୍କର ନୈସର୍ଗିକ ପ୍ରତିଭାକୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବିକଶିତ ମାନସିକତା ଥିବା ଶିକ୍ଷକ ହିଁ ବିକଶିତ ଭାରତ ନିର୍ମାଣର ନେତୃତ୍ୱ ନେବାକୁ ଥିବା ବିଦ୍ୟାର୍ଥୀମାନଙ୍କୁ ସୃଷ୍ଟି କରିପାରିବ। ଏହି ଅବସରରେ ରାଷ୍ଟ୍ରପତି ଶିକ୍ଷିତ, ସମ୍ବେଦନଶୀଳ ଓ ଉଦ୍ୟମୀ ଭାବେ ଛାତ୍ରଛାତ୍ରୀମାନଙ୍କୁ ଗଢ଼ି ତୋଳିବା ପାଇଁ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ରାଷ୍ଟ୍ରପତି ଆଜି  ୮୨ ଜଣ ଶିକ୍ଷକଙ୍କୁ ସମ୍ମାନିତ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଦ୍ୟାଳୟ ବିଭାଗରୁ ୫୦ ଜଣ ଶିକ୍ଷକଙ୍କୁ ଚୟନ କରାଯାଇଥିବାବେଳେ ଉଚ୍ଚଶିକ୍ଷା ବିଭାଗର ୧୬ ଜଣ ଏବଂ କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ୧୬ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟରୁ ୨ ଜଣ ଶିକ୍ଷକ ରାୟଗଡ଼ାର ଦ୍ୱିତି ଚନ୍ଦ୍ର ସାହୁ ଏବଂ କଳାହାଣ୍ଡିର ସନ୍ତୋଷ କରଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହେବାର ଖବର ଆମର ହସ୍ତଗତ ହୋଇଛି।

## ପ୍ରଧାନମନ୍ତ୍ରୀ-ସିଙ୍ଗାପୁର ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଙ୍ଗାପୁର ଗସ୍ତ ଅବସରରେ ରାଜଧାନୀ ଭୁବନେଶ୍ୱରସ୍ଥିତ 'ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର'ର ପ୍ରଶିକ୍ଷାର୍ଥୀମାନଙ୍କ ସହ

ସାକ୍ଷାତ ଆଲୋଚନା କରିଛନ୍ତି। ଏହା ଏକ ଚମତ୍କାର ଅନୁଭୂତି ଥିଲା ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କ ସହ ଦକ୍ଷତା ବିକାଶ କ୍ଷେତ୍ର ସହ ଜଡିତ ବିଭିନ୍ନ ପ୍ରସଙ୍ଗରେ କଥା ହୋଇଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଭାରତ ଓ ସିଙ୍ଗାପୁରର ଏହି ସହଯୋଗ ବାସ୍ତବରେ ସ୍ୱତନ୍ତ୍ର ଏବଂ ଏହା ନବସୃଜନ ସମେତ ମାନବୀୟ ପ୍ରତିଭାକୁ ପ୍ରୋତ୍ସାହିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୂଚନା ଅନୁସାରେ, ଭୁବନେଶ୍ୱର ଦକ୍ଷତା ବିକାଶ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ସିଙ୍ଗାପୁରରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଉଛନ୍ତି।

## ସ୍ୱଚ୍ଛ ଭାରତ

କେନ୍ଦ୍ର ସରକାରଙ୍କ 'ସ୍ୱଚ୍ଛ ଭାରତ ମିଶନ' ଦେଶରେ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଶୌଚାଳୟ ନିର୍ମାଣ ଓ ଶିଶୁ ମୃତ୍ୟୁହାର ସଂକ୍ରାନ୍ତ ଏକ ସର୍ବେକ୍ଷଣରୁ ଜଣାପଡିଛି। ସାମାଜିକ ଗଣମାଧ୍ୟମରେ ଏହି ସର୍ବେକ୍ଷଣ ରିପୋର୍ଟକୁ ପୋଷ୍ଟ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଶୌଚାଳୟ ବ୍ୟବହାର ଦେଶରେ ଶିଶୁ ମୃତ୍ୟୁହାର କମ୍ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଛନ୍ତି, ସ୍ୱଚ୍ଛତା ଜନସାଧାରଣଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିଦେଇଛି ଏବଂ ଭାରତ ଏହି ଦିଗରେ ଆଗକୁ ବଢୁଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

ସୂଚନା ଅନୁସାରେ, ୨୦୧୪ ରୁ ୨୦୨୦ ମସିହା ମଧ୍ୟରେ ସରକାର ୧୦୦ ନିୟୁତରୁ ଅଧିକ ଘରେ ଶୌଚାଳୟ ନିର୍ମାଣ କରିଛନ୍ତି। ୨୦୦୩ ମସିହାରେ ଦେଶର ଅଧିକାଂଶ ଜିଲ୍ଲାଗୁଡ଼ିକରେ ଶିଶୁ ମୃତ୍ୟୁହାର ୬୦ ପ୍ରତିଶତ ରହିଥିଲା।

ତେବେ ୨୦୨୦ ବେଳକୁ ଏହା ୩୦ ପ୍ରତିଶତକୁ ହ୍ରାସ ପାଇଥିବା ସର୍ବେକ୍ଷଣରୁ ଜଣାପଡିଛି ।

## ଡିପ୍ କାର୍ଯ୍ୟକ୍ରମ

ଗୁରୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିପୁଣ ଓଡ଼ିଶା ଏବଂ ଡିଜିଟାଲ ଏଜୁକେଶନ ଏମ୍ପାୱାରମେଣ୍ଟ କାର୍ଯ୍ୟକ୍ରମ 'ଡିପ୍'ର ଶୁଭାରମ୍ଭ କରିଛନ୍ତି । ନିପୁଣ ଓଡ଼ିଶା ମାଧ୍ୟମରେ ଶିକ୍ଷକମାନେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର ଅନୁମୋଦିତ କୌଶଳକୁ ବ୍ୟବହାର କରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବେ । ସେହିଭଳି ଡିପ୍ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାର୍ଥୀମାନଙ୍କୁ କମ୍ପ୍ୟୁଟର ଓ କୋଡିଂ ଶିକ୍ଷା ଦିଆଯିବ । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟମନ୍ତ୍ରୀ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପୋର୍ଟାଲ ଶିକ୍ଷାଜ୍ୟୋତି, କ୍ୟାରିୟର ଗାଇଡାନ୍ସ ପୋର୍ଟାଲ ଏବଂ ଘରୋଇ ବିଦ୍ୟାଳୟ ପରିଚାଳନା ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଛନ୍ତି ।  ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟବିକ ବୋର୍ଡର ୩୯୧ ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ନୂଆଁଖାଇ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଁଖାଇ ଅବସରରେ ଆସନ୍ତା ରବିବାର ସମ୍ବଲପୁରରେ ସିଏମ୍ କିଷାନ୍ ଯୋଜନାର ଶୁଭାରମ୍ଭ କରିବେ । ଏହା ସହ ମା' ସମଲେଶ୍ୱରୀଙ୍କର ଦର୍ଶନ କରି ନବାନ୍ନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟମନ୍ତ୍ରୀ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ।

## ବିଧାନସଭା-ଖର୍ଚ୍ଚଦାବି ଆଲୋଚନା

ବିଧାନସଭାରେ ଆଜି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଖର୍ଚ୍ଚଦାବି ଉପସ୍ଥାପନ କରିଛନ୍ତି। ମନ୍ତ୍ରୀ ମୋଟ ୧୩ ହଜାର ୧୭୮ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କାର ଖର୍ଚ୍ଚଦାବି ଉପସ୍ଥାପନ କରିଛନ୍ତି। ଗୃହରେ ବର୍ତ୍ତମାନ ଖର୍ଚ୍ଚଦାବି ଉପରେ ଆଲୋଚନା ଜାରି ରହିଛି।

## ବସୁନ୍ଧରା ଯୋଜନା

ରାଜ୍ୟରେ ବାସହୀନଙ୍କୁ ଚିହ୍ନଟ କରି ଘର ଯୋଗାଇବା ଲାଗି ପୁନଃସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ବସୁନ୍ଧରା ଯୋଜନା ଅଧୀନରେ ମିଶନ ମୋଡ୍‌ରେ ସର୍ବେକ୍ଷଣ କାର୍ଯ୍ୟ କରାଯିବାକୁ ପଦକ୍ଷେପ ନିଆଯାଉଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଆଜି ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ଗତ ଅଗଷ୍ଟ ମାସ ୭ ତାରିଖରେ ବାସହୀନଙ୍କୁ ଚିହ୍ନଟ କରିବାକୁ ସର୍ବେକ୍ଷଣ ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ଅଗଷ୍ଟ ମାସ ୧୬ ତାରିଖରୁ  ସେପ୍ଟେମ୍ବର ମାସ ୧୫ ତାରିଖ ଯାଏଁ ଏହି ସର୍ବେକ୍ଷଣ କାର୍ଯ୍ୟ ଜାରି ରହିବ। ଏହାକୁ ତହସିଲଦାର ଓ ସହକାରୀ ତହସିଲଦାର ନିରୀକ୍ଷଣ କରିବା ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ବିଚାରାଧୀନ ମାମଲା

ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ପରେ ଦୁର୍ନୀତିରେ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଜଳସମ୍ପଦ ବିଭାଗରେ ୧୭୬ ଜଣ ଯନ୍ତ୍ରୀ ଓ ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ

କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପାଖରେ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ନିୟମ ୧୯୬୨ ଅନୁସାରେ ଏ ନେଇ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି, ୩୨ ଜଣ ଖଣି ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମାମଲା ବିଚାରାଧୀନ ଥିବା ନେଇ ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

## ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା

ରାଜ୍ୟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳିତବର୍ଷରୁ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଲାଗୁ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଯୋଜନାରେ ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୫ ହଜାର ଟଙ୍କା ମିଳିବ। ଏଥିପାଇଁ ୧୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନା ଦ୍ୱାରା ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

ସେହିଭଳି ଓଡ଼ିଶା ଦ୍ରବ୍ୟ ଓ ସେବା କର ଅଧିନିୟମ-୨୦୧୭ରେ କେତେକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏହାବ୍ୟତୀତ ହୀରାକୁଦ ଡ୍ୟାମ୍ ପ୍ରକଳ୍ପ କେନାଲ ପଦ୍ଧତିର ନବୀକରଣ ଯୋଜନାକୁ ମଧ

କ୍ୟାବିନେଟ୍‌ରେ ଅନୁମତି ମିଳିଥିବା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ଏହି ଯୋଜନା ପାଇଁ ୨୦୨୪-୨୫ରୁ ୨୭-୨୮ ମଧ୍ୟରେ ମୋଟ୍ ୮୫୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଫଳରେ ହୀରାକୁଦ ସେଚାଞ୍ଚଳରେ  କେନାଲ କାର୍ଯ୍ୟର ଦକ୍ଷତା ବୃଦ୍ଧି ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ଟାସ୍କଫୋର୍ସ୍ ଗଠନ

ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟାସ୍କଫୋର୍ସ୍ ଗଠନ କରାଯାଇଛି। ବିଧାନସଭାରେ ଏ ସଂକ୍ରାନ୍ତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତରରେ ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରତିଟି ମେଡିକାଲ କଲେଜ୍ ପରିସରରେ ପୁଲିସ୍ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରାଯିବ। ମହିଳା ଏବଂ ଶିଶୁ ଅପରାଧ କ୍ଷେତ୍ରରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ସେମାନଙ୍କ କ୍ଷେତ୍ରରେ ଘଟୁଥିବା ପ୍ରତିଟି ଅପରାଧର ବିଚାର ପ୍ରକ୍ରିୟାକୁ ତ୍ୱରିତ କରାଯିବା ଉପରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

## ନୂଆଁଖାଇ

**ନୂଆପଡ଼ା** ଜିଲ୍ଲା ଖଡିଆଳ ବ୍ଲକ୍ ସମ୍ମିଳନୀ କକ୍ଷରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂଆ କରି ସାମିଲ ହୋଇଥିବା ୨୧୪ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ରୂପେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗ ଦେଇ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ଖଡିଆଳ ବ୍ଲକ୍‌ରେ ଏହି ଯୋଜନାରେ ଶତ ପ୍ରତିଶତ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାର ଲାଭ ଉଠାଇବାକୁ ମଧ୍ୟ ସେ ପରାମର୍ଶ

ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ଉପଖଣ୍ଡସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମ୍ବଲପୁର ସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନ-ଆଇଆଇଏମ୍‌ରେ ଶିକ୍ଷକ ଦିବସ ଏବଂ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ଅବସରରେ ଦ୍ୱିତୀୟ ବାର୍ଷିକ ପୁସ୍ତକମେଳା ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ୍ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।

## ପାଣିପାଗ

ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ପ୍ରଭାବରେ ଆଜିଠାରୁ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆଜି ୧୪ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************